# ODM PUBLIC SCHOOL

SESSION : 20
CLASS : v
SUBJECT : (ଓଡ଼ିଆ)
CHAPTER NUMBER: 7
CHAPTER NAME:ଜାପାନ ଅନୁଭୂତି
SUBTOPIC : ବହି ପ୍ରଶ୍ନଉତ୍ତର-ପ୍ରଶ୍ନ୭,ପ୍ରଶ୍ନ୮,ପ୍ରଶ୍ନ୯

CHANGING YOUR TOMORROW

# LEARNING OBJECTIVE

ପ୍ରଶ୍ନଉତ୍ତର ଆଲୋଚନା ମାଧ୍ୟମରେ ଲବ୍ଧଜ୍ଞାନ ।

ପ୍ରଶ୍ନ୮-'ଲୋକଟି ରାସ୍ତାରେ ସାଇକେଲ୍ ଚଳାଇ ଯାଉଛି'।

ଏହି ବାକ୍ୟରେ ଗାର ଦିଆଯାଇଥିବା ଶବ୍ଦଟି 'ଗୋଟିଏ ଲୋକ' କୁ ବୁଝାଉଛି । ବହୁତ ଲୋକ ବୁଝାଇବାକୁ ହେଲେ ବାକ୍ୟଟି ଏପରି ହେବ-

'ଲୋକମାନେ ରାସ୍ତାରେ ସାଇକେଲ୍ ରେ ଯାଉଛନ୍ତି'।

ସେହିପରି ତଳ ବାକ୍ୟଗୁଡ଼ିକରେ ଗାର ଦିଆଯାଇଥିବା ପଦ ବହୁତ ବା ଅନେକ ଅର୍ଥ ବୁଝାଇବା ପାଇଁ କ'ଣ ହେବ ସେହି ଅନୁସାରେ ବଦଳାଇ ଲେଖିବା ।

୮-(କ) ଗାଈଟି ପଡ଼ିଆରେ ଚରୁଥିଲା ।

(ଖ) ସେଦିନ ମୁଁ ନୂଆଦିଲ୍ଲୀରୁ ଯାତ୍ରା ଆରମ୍ଭ କଲି ।

(ଗ) ମହିଳାଜଣକ ଆମକୁ ଅପେକ୍ଷା କରିଛନ୍ତି ।

(ଘ) ବସ୍ ଟି କାଲି ଏଠାରୁ ନବରଙ୍ଗପୁର ଯିବ ।

(ଙ) କୃଷ୍ଣମୋହନବାବୁଙ୍କ ଝିଅଟି ଖୁବ୍ ଚାଲାକ୍ ।

# ଉତ୍ତର

୮-(କ) <u>ଗାଈଗୁଡ଼ିକ</u> ପଡ଼ିଆରେ ଚରୁଥିଲେ ।

(ଖ) ସେଦିନ <u>ଆମେମାନେ</u> ନୂଆଦିଲ୍ଲୀରୁ ଯାତ୍ରା ଆରମ୍ଭ କଲୁ ।

(ଗ) <u>ମହିଳାମାନେ</u> ଆମକୁ ଅପେକ୍ଷା କରିଛନ୍ତି ।

(ଘ) <u>ବସ୍ ଗୁଡ଼ିକ</u> କାଲି ଏଠାରୁ ନବରଙ୍ଗପୁର ଯିବ ।

(ଙ) କୃଷ୍ଣମୋହନବାବୁଙ୍କ <u>ଝିଅମାନେ</u> ଖୁବ୍ ଚାଲାକ ।

# ପ୍ରଶ୍ନ୯-ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।

ODM EDUCATIONAL GROUP
Changing your Tomorrow

୯- (କ) ଜାପାନୀମାନେ ପରିଶ୍ରମୀ ବୋଲି ଲେଖକ ଜାଣିପାରିଥିଲେ କିପରି ?
(ଖ) ଜାପାନୀମାନଙ୍କର ଡଷ୍ଟବିନ୍ ବ୍ୟବହାର ପ୍ରକ୍ରିୟାରୁ ତୁମେ କ'ଣ ବୁଝୁଛ ଲେଖ ।
(ଗ) ଜାପାନ ଦେଶର ଶିକ୍ଷାବ୍ୟବସ୍ଥା ବିଷୟରେ ଯାହା ଜାଣିଲ ଲେଖ ।
(ଘ) ଭାରତୀୟ ପିଲା ତିନିଜଣ ସେଦିନ ପ୍ରାତଃଭୋଜନ ଖାଇପାରିଲେ ନାହିଁ କାହିଁକି ?
(ଙ) 'ମନ ଜାଣି ଫଳ'-ଏଥିରୁ ତୁମେ କ'ଣ ବୁଝ ?
(ଚ) ଜାପାନୀମାନେ ଦୋକାନରୁ ନିଜ ବ୍ୟାଗରେ ଜିନିଷ ଆଣିବାକୁ ପସନ୍ଦ କରିଥାନ୍ତି କାହିଁକି ?

# ଉତ୍ତର

ODM EDUCATIONAL GROUP
Changing your Tomorrow

୯-(କ)ଜାପାନୀମାନେ ପରିଶ୍ରମୀ ବୋଲି ଲେଖକ ତାଙ୍କ ଅନୁଭୂତିରୁ ଜାଣିପାରିଥିଲେ । ସେଠାରେ ଅଧିକାଂଶ ସାଇକେଲ ବ୍ୟବହାରକୁ ପସନ୍ଦ କରିଥାନ୍ତି ।

(ଖ) ଜାପାନୀମାନଙ୍କର ଡଷ୍ଟବିନ୍ ବ୍ୟବହାର ପ୍ରକ୍ରିୟାରୁ ସେମାନେ କେତେ ପରିଷ୍କାର ପରିଚ୍ଛନ୍ନ ଓ ସଚେତନ ତାହା ଜଣାପଡ଼େ ।

(ଗ) ଜାପାନ ଦେଶର ଶତ ପ୍ରତିଶତ ଲୋକ ସାକ୍ଷର । ୧୫ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଶିକ୍ଷା ବାଧ୍ୟତାମୂଳକ । ମାତୃଭାଷାକୁ ସେମାନେ ଅଧିକ ଗୁରୁତ୍ୱ ଦେଇଥାନ୍ତି ।

(ଘ) ନିର୍ଦ୍ଧାରିତ ପ୍ରାତଃଭୋଜନ ସମୟରେ ଭାରତୀୟ ପିଲା ତିନିଜଣ ସେଠାରେ ପହଞ୍ଚି ପାରି ନ ଥିବାରୁ ପ୍ରାତଃଭୋଜନ କରିପାରିଲେ ନାହିଁ ।

(ଙ)'ମନ ଜାଣି ଫଳ' ଏଥିରୁ ଆମେ ବୁଝୁ ଯେ, ଯିଏ ଯେମିତି ଇଚ୍ଛା କରିଥାଏ,ତାକୁ ସେହିପରି ଫଳ ମିଳିଥାଏ ।

(ଚ) ଜାପାନୀମାନେ ଭାରି ପରିବେଶପ୍ରେମୀ । ପରିବେଶକୁ ସୁସ୍ଥ ସୁନ୍ଦର ରଖିବା ପାଇଁ ପଲିଥିନ୍ ବ୍ୟବହାର ନ କରି ବ୍ୟାଗରେ ଜିନିଷ ଆଣିବାକୁ ପସନ୍ଦ କରିଥାନ୍ତି ।

# ଗୃହକର୍ମ

ଆଲୋଚିତ ପ୍ରଶ୍ନ ୭ର ଉତ୍ତର ଖାତାରେ କର ।

# LEARNING OUTCOME:

ପ୍ରଶ୍ନଉତ୍ତର ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ  ।

# THANKING YOU

# ODM EDUCATIONAL GROUP